# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 July – 2026

**********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଗୃହକାର୍ଯ୍ୟ ବାଧାପ୍ରାପ୍ତ

– ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା ପାଇଁ ସରକାର ପ୍ରସ୍ତୁତ; କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ

- ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

– ଶ୍ରଦ୍ଧାଳୁଙ୍କୁ ପ୍ରଶାସନ ଓ ପୁଲିସର ମାର୍ଗଦର୍ଶିକା ଅନୁସରଣ ପାଇଁ କଲେ ନିବେଦନ

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ଜାତୀୟ ପତାକା ଅଙ୍ଗୀକାର ଦିବସ

ଏବଂ

- ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ; ପ୍ରଭାବରେ ରାଜ୍ୟରେ ଲାଗି ରହିଛି ବର୍ଷା

# ଏଲ୍‌ଏସ୍‌-ଆର୍‌ଏସ୍‌

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା ଏବଂ ଅନ୍ୟାନ୍ୟ କେତେକ ପ୍ରସଙ୍ଗ ନେଇ ବିରୋଧୀଙ୍କ ପ୍ରତିବାଦ ଯୋଗୁଁ ଲୋକସଭା ଗୃହକାର୍ଯ୍ୟକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଲୋକସଭାରେ ଆଜି ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟ ପ୍ରତିବାଦ କରିବାରୁ ଗୃହ ପରିଚାଳନା ବାଧାପ୍ରାପ୍ତ ହୋଇଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ଓ ପରେ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା ଗୃହକାର୍ଯ୍ୟରେ ସହଯୋଗ କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଧାର ଆସି ନ ଥିବାରୁ ଲୋକସଭା ଗୃହକାର୍ଯ୍ୟକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ସରକାର ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଲୋଚନା କରିବାକୁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ତେବେ ଗୃହରେ ଆଲୋଚନା ପାଇଁ ରହିଥିବା ବିଧି ଅନୁସାରେ ଏହାକୁ ଗ୍ରହଣ କରାଯିବା ଉଚିତ । ଆଲୋଚନାର ଅବଧି ଏବଂ ସମୟସୀମା ନେଇ ସବୁ ଦଳର ନେତାଙ୍କଠାରୁ ଶ୍ରୀ ରିଜିଜୁ ପରାମର୍ଶ ଆହ୍ୱାନ କରିଥିଲେ । ଦେଶର ଯୁବବର୍ଗଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସବୁ

ଅଂଶୀଦାରଙ୍କ ସହ ଅର୍ଥପୂର୍ଣ୍ଣ ତଥା ଗଠନମୂଳକ ଆଲୋଚନା କରିବାକୁ ସରକାର ଆଗ୍ରହୀ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

**- V/O -**

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଉପାଧ୍ୟକ୍ଷ ହରିବଂଶ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ତେବେ ପ୍ରଶ୍ନକାଳ ସଂସଦୀୟ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଏଥିରେ ସହଯୋଗ କରିବାକୁ ସେ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ତେବେ ବାରମ୍ବାର ଅନୁରୋଧ ସତ୍ତ୍ୱେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ହେବାରୁ ଗୃହକୁ ପ୍ରଥମ ପର୍ଯ୍ୟାୟରେ ମଧ୍ୟାହ୍ନ ୧୨ଟା ଏବଂ ପରେ ଅପରାହ୍ନ ୨ଟା ଓ ପରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

BBSR/R

## ବାହୁଡ଼ା ଯାତ୍ରା ବୈଠକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ଆଇନ ଶୃଙ୍ଖଳା ଓ ସୁରକ୍ଷା କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଭିଡ଼ ପରିଚାଳନା ଓ ସୂଚନା ସଂଚାର ଉପରେ ଅଧିକ

ଗୁରୁତ୍ୱ ଦେବାକୁ ଶ୍ରୀ ମାଝୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୁଲିସର ମାର୍ଗଦର୍ଶିକା ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଆଗକୁ ବାହୁଡ଼ା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନୀଳାଦ୍ରୀ ବିଜେରେ ସମସ୍ତ ନୀତିକାନ୍ତି ଯେପରି ସୂଚାରୁରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଦୁଇ ଜଣ ଶ୍ରଦ୍ଧାଳୁଙ୍କ ଜୀବନହାନୀ ପାଇଁ ମୁଖ୍ୟମନ୍ତ୍ରୀ ଦୁଃଖପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଥିଲେ। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ  ପ୍ରମୁଖ ପୁଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ବି.କେ.ସିଂହ ପ୍ରମୁଖ ଉପସ୍ଥିତ ରହି ବାହୁଡ଼ା ଓ ସୁନାବେଶ ପରିଚାଳନା ସମ୍ପର୍କରେ ମତାମତ ରଖିଥିଲେ।

Desk

# ରଥ-ଦକ୍ଷିଣ ମୋଡ଼

ପୁରୀ ଶରଧାବାଲିରେ ଆଜି ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯାଉଛି।

ଗତକାଲି ଦେବୀ ସୁଭଦ୍ରାଙ୍କ ରଥ ଦର୍ପଦଳନର ଦକ୍ଷିଣ ମୋଡ଼ ହୋଇଛି । ପ୍ରବଳ ବର୍ଷା ଲାଗି ରଥଗୁଡ଼ିକର ଦକ୍ଷିଣମୋଡ ନୀତି ସ୍ଥଗିତ ରଖାଯାଇଥିଲା । ହେରାପଞ୍ଚମୀ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ଶୁକ୍ରବାର ଦିନ ଭୋର୍ ୪ଟାରେ ଶ୍ରୀଜୀଉମାନଙ୍କ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯାଇ ଭୋର୍ ୫ଟା ସୁଦ୍ଧା ବେଶ ଶେଷ କରାଯିବ। ପରେ ମଧ୍ୟାହ୍ନ ୧୨ଟାରୁ ୨ଟା ୩୦ ମଧ୍ୟରେ ବାହୁଡ଼ା ପହଣ୍ଡି ଓ ୩ଟା ୩୦ ମିନିଟ୍ ମଧ୍ୟରେ ଗଜପତି ମହାରାଜଙ୍କ ଦ୍ୱାରା ଛେରାପହଁରା ନୀତି ଅନୁଷ୍ଠିତ ହେବ। ଅପରାହ୍ନ ୪ଟାରେ ଚାରମାଳ ଫିଟା ଓ ଘୋଡ଼ା ଲାଗିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ।

Desk

## ଉପମୁଖ୍ୟମନ୍ତ୍ରୀ– ସୁଭଦ୍ରା ଶକ୍ତି

ସୁଭଦ୍ରା ଶକ୍ତି ମିଶନ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଗ୍ରାମୀଣ ଅର୍ଥନୀତି ବିକାଶରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଆଜି ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟଠାରେ ଆୟୋଜିତ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀରେ

ଯୋଗଦେଇ ଶ୍ରୀମତୀ ପରିଡ଼ା’ ଆଜୀବିକା ଗ୍ରାମୀଣ ଏକ୍ସପ୍ରେସ୍ ଯୋଜନା ଏବଂ ‘ମିଲେଟ୍ ଅନ୍ ହ୍ୱିଲ୍’ର ଶୁଭାରମ୍ଭ କରିଛନ୍ତି।

Desk

# ଜାତୀୟ ପତାକା ଗ୍ରହଣ ଦିବସ

ଦେଶବ୍ୟାପୀ ଆଜି ଜାତୀୟ ପତାକା ଅଙ୍ଗୀକାର ଦିବସ ପାଳନ କରାଯାଉଛି । ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଭାରତୀୟ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ତ୍ରିରଙ୍ଗାକୁ ଜାତୀୟ ପତାକା ଭାବେ ଗ୍ରହଣ କରାଯାଇଥିଲା । ଜାତୀୟ ପତାକା କୋଟି କୋଟି ଦେଶବାସୀଙ୍କ ସଂକଳ୍ପ, ସାର୍ବଭୌମତ୍ୱ ଓ ଅସୀମ ବଳିଦାନର ଗୌରବମୟ ସ୍ୱାକ୍ଷର। କେଶରୀ ରଙ୍ଗର ଅତୁଳନୀୟ ସାହସ, ଧଳାରଙ୍ଗର ନିଷ୍କଳଙ୍କ ଶାନ୍ତି, ସବୁଜ ରଙ୍ଗ ପ୍ରଗତି ଏବଂ ନୀଳ ରଙ୍ଗର ଅଶୋକଚକ୍ର ସର୍ବଦା ନିରନ୍ତର ନ୍ୟାୟ, ନୀତି ଓ ରାଷ୍ଟ୍ର ଅଭ୍ୟୁଦୟ ପଥରେ ଆଗେଇ ଚାଲିବାକୁ ପ୍ରେରଣା ଦେଇଥାଏ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ତ୍ରିରଙ୍ଗାକୁ ପ୍ରତ୍ୟେକ ନାଗରିକଙ୍କ ସହ ଯୋଡ଼ିବା ପାଇଁ ପତାକା ନିୟମାବଳୀର ସରଳୀକରଣ ଏବଂ ଘରେ ଘରେ ତ୍ରିରଙ୍ଗା ଅଭିଯାନ’ ସମଗ୍ର ଦେଶରେ ରାଷ୍ଟ୍ର ଚେତନାର ମହାପ୍ରବାହ ସୃଷ୍ଟି କରିଛି। ସମସ୍ତେ ଏକତ୍ର ହୋଇ ମାତୃଭୂମିର ଏକତା, ଅଖଣ୍ଡତା ଓ ଶାଶ୍ୱତ ସମୃଦ୍ଧି ପାଇଁ ନିଜକୁ ସମର୍ପିତ କରି ତ୍ରିରଙ୍ଗାର ମାନ, ସମ୍ମାନ ଓ ସ୍ୱାଭିମାନକୁ

ବିଶ୍ୱପଟ୍ଟରେ ଶୀର୍ଷରେ ରଖିବାକୁ ଦୃଢ଼ ସଂକଳ୍ପ ନେବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

Desk

## ରମାଦେବୀ ଚୌଧୁରୀଙ୍କ ପୁଣ୍ୟତିଥି

ସ୍ୱାଧୀନତା ସଂଗ୍ରାମୀ ଓ ସେବା ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ରମାଦେବୀ ଚୌଧୁରୀଙ୍କ ପୁଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଭୁବନେଶ୍ୱର ବିଧାନସଭା ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଏହି ଅବସରରେ ଏକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ି ଓ ମନ୍ତ୍ରିମଣ୍ଡଳୀ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତଃ ରମାଦେବୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ନାରୀ ସଶକ୍ତୀକରଣ ଓ ସାମଜସେବା କ୍ଷେତ୍ରରେ ରମାଦେବୀଙ୍କ ଅତୁଳନୀୟ ଅବଦାନ ସଦା ସ୍ମରଣୀୟ। ତାଙ୍କ ତ୍ୟାଗ ଓ ନିଷ୍ଠାର ମହାନ ଆଦର୍ଶ ସଦାସର୍ବଦା ଯୁବପିଢ଼ିଙ୍କୁ ଜନସେବା ପ୍ରତି ପ୍ରେରଣା ଯୋଗାଇବ।

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସ୍ୱାଧୀନତା ସଂଗ୍ରାମ ସହ ସମାଜର ନିଷ୍ପେଷିତ ଓ ଅବହେଳିତ ବର୍ଗଙ୍କ

କଲ୍ୟାଣ ତଥା ନାରୀ ସଶକ୍ତୀକରଣ ପାଇଁ ତାଙ୍କର ନିଷ୍ଠାପର ସେବା ଓ ତ୍ୟାଗ ଅତୁଳନୀୟ।

Desk

## ରୋବୋଟିକ୍ ସେବା

ରେଳଷ୍ଟେସନ୍‌ରେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ କୃତ୍ରିମ ବୁଦ୍ଧିମତା– ଏ.ଆଇ ରୋବୋଟିକ୍ ସେବା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୁରୀ ରେଳଷ୍ଟେସନ୍‌ରେ ଏହାକୁ ସ୍ଥାନିତ କରାଯାଇଛି। ବାହୁଡ଼ା ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଏହି ରୋବୋଟ ପୁରୀରେ ରହିବ। ପରେ ଭୁବନେଶ୍ୱର ରେଳଷ୍ଟେସନ୍‌ରେ ସ୍ଥାୟୀଭାବେ କାର୍ଯ୍ୟକାରୀ କରାଯିବ। ୪୦ ଲକ୍ଷ ଟଙ୍କା ମୂଲ୍ୟର ଏହି ଏ.ଆଇ. ରୋବୋର୍ଟରେ ୭ଟି ୩୬୦ ଡିଗ୍ରୀ କ୍ୟାମେରା ଲାଗିଛି। ଯାତ୍ରୀ ସୁରକ୍ଷା ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

Kendujhar

## ବାଲ୍ୟବିବାହ ବିରୋଧୀ କାର୍ଯ୍ୟଖସଡ଼ା

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ମହିଳା ଶିଶୁ ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ବାଲ୍ୟ ବିବାହ ନିରୋଧୀ ରଣନୈତିକ କାର୍ଯ୍ୟଖସଡ଼ା ଉନ୍ମୋଚିତ ହୋଇଛି। ଜିଲ୍ଲାକୁ ସମ୍ପୂର୍ଣ୍ଣଭାବେ ବାଲ୍ୟବିବାହ ମୁକ୍ତ କରିବା ପାଇଁ ବ୍ୟାପକ ସାମାଜିକ ଓ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ

କରାଯାଇଛି। ଲିଙ୍ଗଗତ ହିଂସା ରୋକିବା ପାଇଁ ପ୍ରତ୍ୟେକ ବ୍ଲକରେ ଥିବା ପ୍ରେରଣା କେନ୍ଦ୍ରଗୁଡ଼ିକରେ ପ୍ରତି ସପ୍ତାହରେ ପ୍ରେରଣା ଦିଦିମାନଙ୍କ ସହ ଆଲୋଚନା କରାଯିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଏଥିସହ ସୁଦକ୍ଷ ଯୋଜନା ମାଧ୍ୟମରେ ଝିଅମାନଙ୍କୁ ବିଭିନ୍ନ ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ତାଲିମ ଦେଇ ସ୍ୱାବଲମ୍ବୀ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

Bhadrak

## ସାଇବର ସଚେତନତା ଶିବିର

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ଶିବିର ବାସୁଦେବପୁର ବ୍ଲକ ମନ୍ଦାରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡାକ ଓ ସଞ୍ଚୟ ବିଭାଗର କର୍ମଚାରୀ ଏବଂ ସାଇବର ଥାନା ଅଧିକାରୀ ପ୍ରମୁଖ ଏଥିରେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଡାକଘରେ ସଞ୍ଚୟ ଯୋଜନାର ମହତ୍ତ୍ୱ ଏବଂ ସାଇବର ଅପରାଧୀଙ୍କଠାରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ପରାମର୍ଶ ଦେଇଥିଲେ।

Desk

## ୱେଭ୍ସ

ତୃଣମୂଳ ସ୍ତରର ଡିଜିଟାଲ୍ ସୃଜନକର୍ତ୍ତାଙ୍କୁ ଚିହ୍ନଟ ଓ ପ୍ରୋତ୍ସାହନ ଉଦ୍ଦେଶ୍ୟରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜେମ୍ସ ଅଫ୍ ଇଣ୍ଡିଆ ଚ୍ୟାଲେଞ୍ଜର୍ ପାଇଲଟ୍ ପର୍ଯ୍ୟାୟ ଆରମ୍ଭ କରିଛି । ୱେଭ୍ସ ଓ.ଟି.ଟି. ଅନ୍ତର୍ଗତ

ମାଇଁ ଓ୍ୱେବ୍ସ ପ୍ଲାଟ୍‌ଫର୍ମରେ ନିର୍ମିତ ଏହି ଚ୍ୟାଲେଞ୍ଜ ନାଗରିକମାନଙ୍କୁ ସେମାନଙ୍କ ଜିଲ୍ଲାର ଅନନ୍ୟ କାହାଣୀ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା କ୍ଷୁଦ୍ର ଭିଡ଼ିଓ ତିଆରି କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ଅଂଶଗ୍ରହଣକାରୀମାନେ ଆସନ୍ତା ମାସ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ୧ରୁ ୩ ମିନିଟ୍‌ର ଭିଡ଼ିଓ ଦାଖଲ କରିପାରିବେ । ଏହି ପଦକ୍ଷେପ ଦେଶ ବ୍ୟାପି କାର୍ଯ୍ୟକାରୀ ହେବାକୁ ଥିବା ବେଳେ ପାଇଲଟ ପର୍ଯ୍ୟାୟରେ ଆଣ୍ଡାମାନ୍ ଏବଂ ନିକୋବର ଦ୍ୱୀପପୁଞ୍ଜ, ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦ୍ରା ଏବଂ ନଗରହାବେଳି, ଦାମନ ଡିଉ, ଗୋଆ ଏବଂ ଲଦାଖକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପରେ ପ୍ରତି ଜିଲ୍ଲା ପାଇଁ ୨୦ ଜଣ ଡିଜିଟାଲ ସୃଜନକର୍ତ୍ତାଙ୍କୁ ୫୦ ହଜାର ଟଙ୍କାର ଜିଲ୍ଲାସ୍ତରୀୟ ପୁରସ୍କାର, ୨ ଲକ୍ଷ ଙ୍କାର ରାଜ୍ୟସ୍ତରୀୟ ପୁରସ୍କାର ଏବଂ ଦେଶ ବ୍ୟାପି ପ୍ରସାରଣ ସମୟରେ ୫ ଲକ୍ଷ ଟଙ୍କାର ଜାତୀୟ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ।

Desk

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ସହ ଦକ୍ଷିଣ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ

ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୩ ଦଶମିକ ୪/୫ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୯ ହଜାର ୮୯୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୦ଟି ଗେଟ୍ ଦେଇ ୧ ଲକ୍ଷ ୮୫ ହଜାର ୮୧୬ ଘନଫୁଟ ଜଳ ନିଷ୍କାସିତ ହେଉଛି।